BAGEESHA
ବାଗୀଶ
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୫
Volume No. 03 | Issue No. 03 | May-Jun 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପରେ ଦାଦନ ଶ୍ରମିକର ସ୍ୱର

**ଦମୟନ୍ତୀ ଜେନା**

ଗବେଷିକା, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

RECEIVED : 11 MAY 2025
ACCEPTED : 25 JUN 2025
REVISED : 30 JUN 2025
PUBLISHED: 10 JUL 2025

ARTICLE QR CODE

DOI: 10.70541/BAGEESHA/2025030303

Article No. BM2025/03-A003
Categary : Research Article
Journal Home Page: https://bageesha.in
Support: editor.bageesha@gmail.com

BM2025/03-A003

ABSTRACT

**ସାରାଂଶ**

ନିଜେ ତଥା ନିଜ ପରିବାର ସହ କର୍ମ ଅନ୍ୱେଷଣରେ ନିଜ ରାଜ୍ୟର ବାହାରକୁ ଯାଉଥିବା ଶ୍ରମିକମାନଙ୍କୁ ଦାଦନ ଶ୍ରମିକ କୁହାଯାଏ। ଠିକାଦାରମାନଙ୍କ ଦ୍ୱାରା ଅନ୍ୟରାଜ୍ୟକୁ ଯାଇ ଅନେକ ମାରାତ୍ମକ କର୍ମରେ ଏମାନେ ନିଜକୁ ସାମିଲ କରିଥାନ୍ତି। ନିଯୁକ୍ତ ହୋଇଥିବା କର୍ମସ୍ଥଳୀରେ ଅନେକ ସମସ୍ୟାର ମଧ୍ୟ ସମ୍ମୁଖୀନ ହୋଇଥାନ୍ତି। ଏତେସବୁ ଅସୁବିଧା ସତ୍ତ୍ୱେ ଦାଦନ ଖଟି ଯାଇଥିବା ଶ୍ରମିକ କାମଅଧାରୁ ଛାଡି ଆସିପାରେ ନାହିଁ। ଓଡ଼ିଶାର ସ୍ଥିତିକୁ ଆକଳନ କଲେ ଜଣାଯାଏ ଯେ, ଆମ ରାଜ୍ୟରେ ୧୯୯୯ ମସିହା ମହାବାତ୍ୟା ପରଠାରୁ ଓଡିଶାରୁ ବହୁଲୋକ କାମଧନ୍ଦା ପାଇଁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ଏହି ଶ୍ରମିକମାନଙ୍କ ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି। ତେଣୁ ଦାଦନମାନଙ୍କ ପାଇଁ ନିଜ ରାଜ୍ୟରେ କର୍ମଭିତ୍ତିକ ସୁବିଧା ସୁଯୋଗର ବ୍ୟବସ୍ଥା କରିବା ବିଭିନ୍ନ ମହଲରେ ସରକାରଙ୍କୁ ଦାବି କରାଯାଉଛି। ଏ କ୍ଷେତ୍ରରେ ସାହିତ୍ୟିକ ତଥା ଗାଳ୍ପିକମାନଙ୍କର ଭୂମିକା କିଛି କମ ନୁହେଁ। ଏକବିଂଶ ଶତାବ୍ଦୀର ଗଳ୍ପ ପୁସ୍ତକରେ ଗାଳ୍ପିକମାନେ ନିଜ ନିଜର ଲେଖନୀ ମାଧ୍ୟମରେ ଦାଦନମାନଙ୍କ ସ୍ଥିତି ଓ ସମସ୍ୟାକୁ ତୋଳିଧରି ଉଭୟ ପାଠକ ଓ ସମାଜର ଦୃଷ୍ଟି ଆକର୍ଷଣ କରାଇ ସେଭଳି ଦୁଃସ୍ଥିତିର ସୁଧାର ଆଣିବା ପାଇଁ ଆପ୍ରାଣ ଚେଷ୍ଟା ଚଳାଇଛନ୍ତି ।

ମୂଳଶବ୍ଦ: କର୍ମ ଅନ୍ୱେଷଣ, ଦାଦନ ଶ୍ରମିକ, ଠିକାଦାରମାନଙ୍କ ଚୁକ୍ତି, ଅକଥନୀୟ ଯନ୍ତ୍ରଣା, ଏକବିଂଶ ଶତାବ୍ଦୀର ଗଳ୍ପ।

ଉପକ୍ରମ: ଆମ ରାଜ୍ୟରେ ମୁଖ୍ୟତଃ କୃଷି ଉପରେ ନିର୍ଭର କରି ଅନେକ ପରିବାର ନିଜର ଭରଣ ପୋଷଣ କରନ୍ତି। କିନ୍ତୁ ବିଭିନ୍ନ ସମୟରେ ବିଭିନ୍ନ କାରଣ (ମରୁଡ଼ି-ଦୁର୍ଭିକ୍ଷ-ବନ୍ୟା-ବାତ୍ୟା-ଚକଡ଼ା) ହେତୁ କୃଷି କାର୍ଯ୍ୟରେ ନାନା ଅସୁବିଧା ଲାଗିରହେ। ଯଦ୍ଦ୍ୱାରା ସାଧାରଣ ଗରିବ ମଣିଷମାନେ ନିଜର ପ୍ରାତ୍ୟହିକ ଜୀବନଧାରାକୁ ଅତିବାହିତ କରିବାପାଇଁ ଆର୍ଥିକ ଅନଟନର ସମ୍ମୁଖୀନ ହୁଅନ୍ତି। ଆର୍ଥିକ ଦୁଃସ୍ଥିତିକୁ ସୁଧାରିବାପାଇଁ ସେମାନେ ଅନ୍ୟାନ୍ୟ କର୍ମର ଅନ୍ୱେଷଣ କରି ଅନ୍ୟ ରାଜ୍ୟକୁ ଦାଦନ ଖଟିଯାଆନ୍ତି। ଅନୁରୂପ ଭାବରେ ଦାଦନ ଶ୍ରମିକ ସୃଷ୍ଟି ହେବାର ଅନ୍ୟଏକ କାରଣ ହେଉଛି ଦାରିଦ୍ର୍ୟ। ଅନେକ ବ୍ୟକ୍ତିବିଶେଷ ଅଛନ୍ତି ଯେଉଁମାନେ କି ଭୂମିହୀନ କିମ୍ବା ଆବଶ୍ୟକ ମୁତାବକ ଚାଷଜମି ସେମାନଙ୍କ ପାଖରେ ନଥାଏ। ସରକାରଙ୍କ ଦ୍ୱାରା ଭୂମିବଣ୍ଟନର ଆଶାରଖି କିମ୍ବା ସହାୟତାର ଅପେକ୍ଷା କରି ଶେଷରେ ନିରାଶ ହୋଇ ଅନ୍ୟତ୍ର ଦାଦନ ଖଟିବାକୁ ଯାଆନ୍ତି। ଆଉ ଏକ ପ୍ରମୁଖ କାରଣ ହେଉଛି ସରକାରୀ କିମ୍ବା ବେସରକାରୀ କାର୍ଯ୍ୟାନୁଷ୍ଠାନ, ପ୍ରକଳ୍ପ ନିର୍ମାଣ ନିମନ୍ତେ ସାଧାରଣ ଗରିବ, ଗାଉଁଲି ଲୋକମାନଙ୍କୁ ସେମାନଙ୍କର ବାସସ୍ଥାନ ଏବଂ ଚାଷଜମିରୁ ଉଚ୍ଛେଦ କରିବା। ସାଧାରଣତଃ ଅରଣ୍ୟ ପରିବେଷ୍ଟିତ ଅଞ୍ଚଳ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ଏହି ସମସ୍ୟା ଅଧିକ ମାତ୍ରାରେ ଦେଖାଯାଏ। ସହରର ବହୁ ଦୂରରେ ନିର୍ମଳ ପରିବେଶରେ ନାନା ପ୍ରକାର ଯୋଜନାମୂଳକ ଶିଳ୍ପ କଳକାରଖାନା ପ୍ରତିଷ୍ଠା ନିମନ୍ତେ ନିରୀହ ଲୋକମାନଙ୍କୁ ସେମାନଙ୍କ ବାସସ୍ଥାନରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଏ। ଏହାକୁ ବିସ୍ଥାପନ (Displacement) କୁହାଯାଏ। ପ୍ରତିବଦଳରେ ପ୍ରାପ୍ୟ ଅନୁସାରେ ଅର୍ଥ କିମ୍ବା ଭୂମି ଦେବାପାଇଁ ପ୍ରତିଶ୍ରୁତି ମଧ୍ୟ ଦିଆଯାଏ। ସମୟ କ୍ରମରେ ସେ ପ୍ରତିଶ୍ରୁତି ପୁରୁଣା ହୋଇଯାଏ ଏବଂ ସାଧାରଣ ଗରିବ ଲୋକଟି ଅପେକ୍ଷା କରିକରି ଶେଷରେ ଦାଦନ ଖଟିଯାଏ। ସେହିପରି ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ନଦୀବନ୍ଧ ଯୋଜନାକୁ ଭିତ୍ତିକରି ସରକାର ଉପକୂଳବର୍ତ୍ତୀ ଲୋକମାନଙ୍କ ଠାରୁ ସେମାନଙ୍କର ଜମି କରାୟତ କରନ୍ତି। ଉକ୍ତ ଜମି ବାବଦରେ ଅର୍ଥରାଶି ପ୍ରଦାନ କରିବାକୁ ପ୍ରଚାର କରନ୍ତି। ପ୍ରଚାରର ପରିଣତି ସ୍ୱରୂପ ସରକାର ସ୍ୱଳ୍ପ ଅର୍ଥ ଦିଅନ୍ତି କିମ୍ବା କୌଣସି ଅର୍ଥରାଶି

ନ ଦେଇ ଫାଙ୍କିଦିଅନ୍ତି। ଫଳରେ ନିଜନିଜ ଜମି ହରାଇଥିବା ବ୍ୟକ୍ତିବିଶେଷ ଦାଦନ ଖଟିଯାଆନ୍ତି। ଏହିପରି ଆହୁରି ଅନେକ କାରଣ ମଧ୍ୟ ରହିଛି। ଯାହାକୁ କେନ୍ଦ୍ରକରି ଦାଦନ ଶ୍ରମିକ (Migrant Worker) ଏବଂ ଦାଦନ ସମସ୍ୟା (Migrant Issue) ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି। ଏହି ଦାଦନ ସମସ୍ୟାକୁ କେନ୍ଦ୍ରକରି ଏଥିପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣମୂଳକ ସକାରାତ୍ମକ ସଚେତନ ଓ ପରିବର୍ତ୍ତନ ଆଣିବାପାଇଁ ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପ ବିଭିନ୍ନ ଦିଗରୁ ଦାଦନ ପ୍ରସଙ୍ଗର ଉପସ୍ଥାପନ କରିଛି ।

**ବିଷୟର ଆଲୋଚନା:** ଚଷାର ଜୀବନ ଚାଷ ଉପରେ ନିର୍ଭରଶୀଳ। ଚାଷରୁ ଭଲକରି ମୁଠାଏ ଅମଳ ହେଲେ ସେ ବର୍ଷକ ପାଇଁ ସଞ୍ଚୟ କରିରଖେ। ଯଦି ସେଥିରେ ଅନିୟମିତତା ଦେଖାଦିଏ ତେବେ ବର୍ଷସାରା କାନ୍ଦେ। ନିଜ ଅଭାବ, ଅନଟନର ଜୀବନକୁ ଦୁଃଖର ଦାଉରୁ ରକ୍ଷାକରିବା ପାଇଁ ଦାଦନ ଖଟି ଯିବାକୁ ନିଷ୍ପତ୍ତି ନିଏ। କିଏ ଆନ୍ଧ୍ରପ୍ରଦେଶ ଯାଏ ତ କିଏ ଗୁଜୁରାଟ, ପୁଣି କିଏ ହାଇଦ୍ରାବାଦ ଯାଏ। କିନ୍ତୁ ସେଠାରେ ଠିକାଦାର, ମାଲିକମାନଙ୍କର ପ୍ରାଦୁର୍ଭାବ ସେମାନଙ୍କ ଜୀବନକୁ ଧ୍ୱଂସ କରିଦିଏ। ଏପରି ଏକ ପ୍ରସଙ୍ଗମୂଳକ ଦୃଷ୍ଟାନ୍ତ ହେଉଛି ଗାଳ୍ପିକ କ୍ଷେତ୍ରବାସୀ ନାଏକଙ୍କ 'ଦାଦନ' ଗଳ୍ପ। ଲଗାତର ତିନିବର୍ଷ ଧରି ମରୁଡ଼ି, ଅନାଟନ, ବାତ୍ୟା ହେବା ଦ୍ୱାରା ଗଳ୍ପର ମୁଖ୍ୟ ଚରିତ୍ର ମାଗୁଣି ବରିହାର ଚାଷ ଉଜୁଡି ଯାଇଛି। ନିଜ ଗ୍ରାମରେ ଅନ୍ୟ କାମ କରି ପେଟ ପୋଷିବାପାଇଁ ଚିନ୍ତା କରିଥିଲେ ମଧ୍ୟ କାମର ଅଭାବ କିମ୍ବା କାମ ଥିଲେ ପଇସାର ଅଭାବ ହେତୁ ଅନ୍ୟମାନଙ୍କ ପରି ମାଗୁଣି ବରିହା ନିଜ ସ୍ତ୍ରୀ ଏବଂ ଦୁଇ ପୁଅଙ୍କ ସହ ହାଇଦ୍ରାବାଦ ପଳେଇଛି। ସେଠାରେ ଖରା, ବର୍ଷା ସାଙ୍ଗକୁ ଅଖିଆ, ଅପିଆ କାମ କରିଛି। ନିଜ ସାନ ଛୁଆକୁ ଜ୍ୱର ହେବା ହେତୁ ଡାକ୍ତର ଦେଖାଇବାକୁ ଇଚ୍ଛା ଥିଲେ ମଧ୍ୟ ହାତରେ ପଇସା ନ ଥିବା ଯୋଗୁଁ ଏବଂ ମାଲିକ, ମ୍ୟାନେଜର କଥା ନ ଶୁଣିବା କାରଣରୁ ନିଜ ସନ୍ତାନକୁ ହରାଇଛି। ମୃତ ସନ୍ତାନକୁ ନେଇ ନିଜର ଭିଟାମାଟିକୁ ଫେରିଯିବା ପାଇଁ ଚେଷ୍ଟାକରି ମଧ୍ୟ ବିଫଳ ହୋଇଛି– "ସକାଳର ସୁନେଲି ଆଲୁଅ ତାଙ୍କ ଅନ୍ଧାର ଇଲାକାରେ ପଡିବା ଆଗରୁ ଗଣ୍ଠିଲି ବାନ୍ଧି ବାହାରିଗଲେ। ହେଲେ ମୁନିସ ହାତରୁ ଖସିପାରିଲେନି, ଆଉ ଛଅମାସ ରହିଲେ ଯାଇ ପରା ତା ବଇନା ପଇସା ସରିବ। ଜୋର ଜବରଦସ୍ତି ଠିକାଦାରମାନେ ଲେଉଟାଇଦେଲେ, ଛୋଟିଆ ଶିଶୁର ଶବ ସତ୍କାର ଅନାବଶ୍ୟକ ବୋଲି ମନ୍ତବ୍ୟ ଦେଲେ। ମଦ୍ୟପ ମୁନିସ ଜଳନ୍ତା ଭାଟିକୁ ଫିଙ୍ଗି ଦଉଥିବାବେଳେ ଛଡେଇ ଆଣିଲା ମାଗୁଣି। ଗାତଟିଏ ଖୋଳିଲା। ଏକ ଅଫୁଟା ଫୁଲର ମଉଳି ଯାଇଥିବା ଶରୀରକୁ ପୋତିଦେଲା।"(ଦାଦନ – କ୍ଷେତ୍ରବାସୀ ନାଏକ, ପୃ- ୨୨) କିଛିଦିନ ପରେ ବଡ ପୁଅକୁ ମଧ୍ୟ ଜ୍ୱର ହେଲା। ମାଗୁଣି ମାଲିକ ନିକଟରେ ଯେତେ କାକୁତି ମିନତି ହେଲେ ମଧ୍ୟ ଶୁଣିଲାନି। ପ୍ରତିବଦଳରେ ମାଗୁଣିର ସ୍ତ୍ରୀ କାଇଁଚକୁ ଉପଭୋଗ କରିବାର ସର୍ତ୍ତ ରଖିଲା। ଯାହାର ପରିଣାମ ସ୍ୱରୂପ ମାଗୁଣିର ପରିବାର ସବୁଦିନ ପାଇଁ ନିଶ୍ଚିହ୍ନ ହୋଇଗଲା।

ପୁଞ୍ଜିପତି ଗୋଷ୍ଠୀର ଶୋଷଣ ଓ ସର୍ବହରା ଗୋଷ୍ଠୀର ପ୍ରତିକ୍ରିୟା ଫଳସ୍ୱରୂପ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର ସୃଷ୍ଟି ହୋଇଥିଲା। ଏ ଯୁଦ୍ଧ, ସଂଗ୍ରାମର ମୂଳ କାରଣ ଥିଲା ସାମାଜିକ ବୈଷମ୍ୟଗତ ତାରତମ୍ୟ। ଏହାକୁ ପ୍ରତିବାଦ କରି ବିଶ୍ୱ ଦରବାରରେ ଜଗତୀକରଣ(Globalization) ମୁଣ୍ଡ ଟେକିଲା। ସାମାଜିକ, ରାଜନୀତିକ, ଆର୍ଥନୀତିକ, ଶିକ୍ଷା ଓ ବାଣିଜ୍ୟଭିତ୍ତିକ ଉନ୍ନତି, ପ୍ରଗତି ଓ ବିକାଶ ନିମନ୍ତେ ଜଗତୀକରଣ ପ୍ରତିକ୍ରିୟା ପ୍ରକାଶ କଲା। ଗ୍ରାମ୍ୟ ସମାଜଠୁ ଆରମ୍ଭ କରି ଉଚ୍ଚ ଶିକ୍ଷିତ ସହରୀ ସମାଜ ପର୍ଯ୍ୟନ୍ତ ସମସ୍ତଙ୍କୁ ସମାନ ଅଧିକାର ଦେବାପାଇଁ ଜଗତୀକରଣ ପଥ ପ୍ରସ୍ତୁତ କଲା। କିନ୍ତୁ ସାମ୍ପ୍ରତିକ ସମୟରେ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ବ୍ୟକ୍ତିବିଶେଷ, ଦୁର୍ନୀତିଗ୍ରସ୍ତ ରାଜନୀତିକ ନେତା, ସ୍ୱାର୍ଥାନ୍ୱେଷୀ ଜନସମାଜ ଆଦିମାନଙ୍କ ପାଇଁ ଏହି ଆଭିମୁଖ୍ୟରେ ବାଧା ସୃଷ୍ଟିହେଉଛି। ଫଳସ୍ୱରୂପ ଗରିବ, ସରଳ ଗ୍ରାମ୍ୟ ଜନଜୀବନ ବିକାଶ ପଥରୁ ବଞ୍ଚିତ ହୋଇ ଦାଦନ ଖଟିବାକୁ ଯାଉଛନ୍ତି ଏବଂ ଦାଦନ ଦହନ, ଦଲାଲ ଶୋଷଣ, ଶ୍ରମିକର ହାତ କାଟିଦେବା ପ୍ରସଙ୍ଗ, ଶିଶୁ ବିକ୍ରି ଆଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ପ୍ରକାର ଦୃଷ୍ଟାନ୍ତକୁ ନେଇ ଗାଳ୍ପିକା ଗାୟତ୍ରୀ ସରାଫ 'ଦାଦନ ଲହଡ଼ା' ଗଳ୍ପର ପରିକଳ୍ପନା କରିଛନ୍ତି। ଉକ୍ତ ଗଳ୍ପରେ ଦାଦନ ଖଟି ଯାଇଥିବା ଦୁଇଜଣ ଶ୍ରମିକଙ୍କର ହାତକୁ ଦଲାଲ କାଟିଦେଇଛି। ଏ ପ୍ରସଙ୍ଗକୁ ନେଇ ଗାଳ୍ପିକା ଗୀତା 'ଦାଦନ' ଉପନ୍ୟାସ ରଚନା କରିଛନ୍ତି। ଉପନ୍ୟାସଟିର ପ୍ରକାଶ ପରେ ସବୁଠି ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ସରକାରଙ୍କ ଉପରେ ବିବିଧ ଚାପ ପଡ଼ିବା ହେତୁ କେବଳ ଏକ ସଭାର ଆୟୋଜନ କରି ମିଥ୍ୟା ପ୍ରତିଶ୍ରୁତି ଦେଇ ସାଧାରଣ ଜନତାଙ୍କୁ ଠକି ଦିଆଯାଇଛି – " XXX, ଶ୍ରମିକଙ୍କ ମଜୁରୀ ବୃଦ୍ଧି, ଦଲାଲଙ୍କ ପଞ୍ଜିକରଣ, ହାତ କଟିଥିବା ଦୁଇ ଯୁବକଙ୍କୁ କ୍ଷତି ପୂରଣ ଓ ଥଇଥାନ ଆଦି ... ଆଦି ଶେଷରେ ଦୃଢ ସ୍ୱରରେ ପ୍ରତିଶ୍ରୁତି – ସମସ୍ତଙ୍କୁ କାମ ମିଳିବ, ଖାଦ୍ୟ ମିଳିବ, କେହି ବାହାରକୁ ଯିବେ ନାହିଁ। ନିର୍ଯ୍ୟାତିତ ହେବେ ନାଇଁ। XXX। ସଭା ସରିଲା। XXX। ମାନ୍ୟବର ମୁଖ୍ୟମନ୍ତ୍ରୀ, ବିଧାୟକ ଫେରିଗଲେ ରାଜଧାନୀ, ଯୋଉଠି ସଦା ଆଲୁଅ। ଦାଦନ ନାରୀ ଓ ଲୋକମାନେ ଫେରିଲେ ନିଜ ନିଜର ଜାଗାକୁ, ଯୋଉଠି ସଦା ଅନ୍ଧାର। XXX । ଦାଦନ ଲହଡ଼ାକୁ ଖେଦି ନେଇଗଲା ରାଜନୀତି, ତା ମହାସମୁଦ୍ର ଭିତରକୁ।" (ଇଟାଭାଟିର ଶିଳ୍ପୀ – ଗାୟତ୍ରୀ ସରାଫ, ପୃ -୧୦/୧୧ ) ଜଗତୀକରଣର ପଥରେ ପ୍ରତିବନ୍ଧକ ସାଜୁଥିବା, ଅନ୍ତରାୟ ସୃଷ୍ଟି କରୁଥିବା ଦୁର୍ନୀତିଗ୍ରସ୍ତ ରାଜନେତା, କୂଟନୀତି ସମ୍ପନ୍ନ ସରକାର ଏବଂ ଭୋଗ ସର୍ବସ୍ୱ ବସ୍ତୁବାଦୀ ମନୁଷ୍ୟ ସମାଜ ହିଁ ବର୍ତ୍ତମାନ ସମୟରେ ଦାଦନ ସମସ୍ୟା ବୃଦ୍ଧିହେବା ପଛରେ ମୁଖ୍ୟତଃ ଦାୟୀ ।

ଅନୁରୂପ ଭାବଧାରା ସମ୍ପନ୍ନ ଅନ୍ୟ ଏକ ଗଳ୍ପ ହେଉଛି ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କ 'ଗୋଟେ କୁଅର କାହାଣୀ'। ଇଲେକ୍ସନ ନିକଟତର ହୋଇ ଆସିଲେ ରାଜନେତା, ଏମ.ଏଲ.ଏ, ଏମ୍. ପି ମାନେ ସାଧାରଣ ଗରିବ ଲୋକମାନଙ୍କ ନିକଟକୁ ଯାଇ ଅନେକ ମିଠା ମିଠା କଥା କହି ଭୋଟ ହାତେଇବା ପାଇଁ ଲାଳାୟିତ ହୁଅନ୍ତି। ଥରେ ଇଲେକ୍ସନ ସରିଗଲା ପରେ ସେମାନେ ନିଜ

DOI: 10.70541/BAGEESHA/2025030303

VOL NO 03 ISSUE NO 03

ନିଜ ରାସ୍ତାରେ ଚାଲିଯାଆନ୍ତି। ଗରିବର ସମସ୍ୟା, ସମସ୍ୟା ହୋଇ ରହିଯାଏ। ସବୁଆଡୁ ନିରାଶ ହେଲାପରେ ଶେଷରେ ଗରିବ ଲୋକଟିଏ ଅର୍ଥ ଉପାର୍ଜନ ପାଇଁ ଘର, ଦ୍ୱାର, ଆତ୍ମୀୟ ସ୍ୱଜନଙ୍କୁ ଛାଡି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଏ। ନିଜ ରାଜ୍ୟରେ ନିଯୁକ୍ତି ଭିତ୍ତିକ କର୍ମର ଅଭାବ, ଅର୍ଥର ଅଭାବ ତାକୁ ଦାଦନ ହେବାପାଇଁ ବାଧ କରାଏ। ନିଜର କୌଳିକ ବୃତ୍ତି ଏବଂ କର୍ମର ମୁଖ୍ୟ ମାଧ୍ୟମ କୃଷିକୁ ଛାଡି ଅନ୍ୟକାମ କରି ପେଟ ପୋଷେ। ଫଳରେ ସମାଜରେ ଥିବା ବଡ଼ ବଡ଼ୁଆଙ୍କ ଚାଷ ଜମିରେ କାମପାଇଁ ଲୋକଙ୍କ ଅଭାବ ଦେଖାଦିଏ– "ଲୋକ ମିଳୁନାହାନ୍ତି ଚାଷ ପାଇଁ। କେଇ କେଇ ଜମି ପଡ଼ିଆ ପଡ଼ିଲା। କୌଣସି ଜିନିଷ ଉପରେ ଆଉ ହାତ ମାରି ହେଉନାଇଁ ଅପହଞ୍ଚ ଦରଦାମ ଯୋଗୁ। ସରିଗଲା ଇଲେକ୍ସନ; ଗାଏବ ହେଲେ ଏମ୍. ଏଲ୍.ଏ, ଏମ୍.ପି। ନିଷ୍ଠୁରତା ଚାରିଆଡ଼େ। ଏ ଦେଶ ଖତମ ହେବ। ଆଉ ଧରି ରଖିପାରିବ ନାଇଁ ଏତେ ଅସନ୍ତୋଷ ଓ କ୍ରୋଧ।" ('ସବୁଜ ଛଦ୍ମବେଶ'– ରାମଚନ୍ଦ୍ର ବେହେରା, ପୃ-୩୦୫) ଯଦି ନିଜ ରାଜ୍ୟରେ ଲୋକମାନଙ୍କ ରୋଜଗାର ପାଇଁ ଉପଯୁକ୍ତ କାର୍ଯ୍ୟପନ୍ଥା ଅବଲମ୍ବନ କରାଯାଆନ୍ତା, ଚାଷ କାର୍ଯ୍ୟରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାର ଉପଯୁକ୍ତ ସାହାଯ୍ୟ ଓ ସହଯୋଗ କରନ୍ତେ; ତେବେ ଦାଦନ ଶ୍ରମିକମାନଙ୍କର ସଂଖ୍ୟା ହ୍ରାସ ହୋଇପାରନ୍ତା ଏବଂ ଆମ ଦେଶ ଧ୍ୱଂସ ହେବାରୁ ବର୍ତ୍ତିପାରନ୍ତା। ଏକ ସମ୍ଭାବନାପୂର୍ଣ୍ଣ ସ୍ଥିତିକୁ ଆକଳନ କରି ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ଗାଳ୍ପିକ ରାମଚନ୍ଦ୍ର ବେହେରା ପରୋକ୍ଷ ଭାବରେ ଏହି ସଚେତନାତ୍ମକ ବାର୍ତ୍ତାକୁ ସମାଜ ଜୀବନ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି।

କିଶୋର ବୟସର ପିଲା ହାତରେ କାଗଜ, କଲମ, ବହି ଛାଡ଼ି, ଗାଁ ଛାଡ଼ି ସହରକୁ ଯାଆନ୍ତି। ଦୁଇ ପଇସା ରୋଜଗାର କରି ନିଜେ ଚଳନ୍ତି ଏବଂ ନିଜ ଗରିବ ଘରକୁ ପୋଷନ୍ତି। କିନ୍ତୁ ସହରୀ ମଣିଷମାନଙ୍କ କୁ-ଦୃଷ୍ଟିର ଶିକାର ହୋଇ କେତେକ ପିଲା ପ୍ରାଣ ହରାନ୍ତି। ଏପରି ଏକ ପ୍ରସଙ୍ଗ ରହିଛି ଗାଳ୍ପିକ ଅଜୟ ସ୍ୱାଇଁଙ୍କ 'ମେରିଆ' ଗଳ୍ପରେ। ଗଳ୍ପରେ ପଶ୍ଚିମ ଓଡ଼ିଶାର ଗୋଟେ ଅଖ୍ୟାତ ପଲ୍ଲୀରେ ରହୁଥିବା କିଶୋର ଯୁବକ ମକ୍ରା (ଦଶ ବର୍ଷ) ସହରକୁ କାମ ଖୋଜିଯାଇଛି। ସେଠାରେ ସ୍ୱାର୍ଥନ୍ୱେଷୀ, ନୃଶଂସ କାନତରାଟି ବାବୁ ଏବଂ କୁଲି ସର୍ଦ୍ଦାରର ହାବୁଡ଼ରେ ପଡ଼ି ଏକ ପୋଲ ନିର୍ମାଣ ନିମିତ୍ତ ତା'ର (ମକ୍ରା) ଜୀବନକୁ ମେରିଆ ଦିଆଯାଇଛି– "ସେ ମୋତେ ଚାହିଁଲା। ଭାରି ଅନ୍ତରଙ୍ଗ ଭାବେ କହିଲା : ବାବୁ ! ଆମ ସିଆଡ଼େ ହଳଦୀ କିଆରୀରେ ଆମେ ମଣିଷ ରକତ ସିଞ୍ଚୁ, ହଳଦୀ ଭଲ ଫଳିବ ବୋଲି। ଧରଣୀ ପେନୁ ଉପରେ ମଣିଷ ରକତ ସିଞ୍ଚୁ ସଭିଏଁ ଖୁସିରେ ରହନ୍ତୁ। ବରଷା ଭଲ ହେଉ। XXX। ଆଉ ତମେ ସବୁ ନେତା ହେବାପାଇଁ ନିଜର ମଙ୍ଗଳ ପାଇଁ, ମଣିଷ ରକତରେ ହୋଲି ଖେଳ। ନିଜକୁ ବଞ୍ଚାଇବା ପାଇଁ, ନିଜର ସମ୍ପତ୍ତି ବଢେଇବା ପାଇଁ ମଣିଷକୁ ବଳି ପକାଅ।" (ଅଜୟ ଅଜସ୍ର -୧ –ଅଜୟ ସ୍ୱାଇଁ, ପୃ – ୧୯୩) ଅର୍ଥର ମୋହ ସହରୀ ମଣିଷକୁ ଆଜି ଅମାନବୀୟ, ଅବିବେକୀ, ନରହନ୍ତା କରିଦେଇଛି; ଯେଉଁମାନଙ୍କ ଶିକାର ହେଉଛନ୍ତି ଶହ ଶହ ଦାଦନ ଶ୍ରମିକ।

ସରକାରଙ୍କର ବିବିଧ ନଦୀବନ୍ଧ ଯୋଜନାକୁ କେନ୍ଦ୍ରକରି ବିଭିନ୍ନ ଅଞ୍ଚଳର ଲୋକମାନେ ବିସ୍ଥାପିତ ହୋଇ ଶେଷରେ ଦାଦନ ଖଟି ଯାଆନ୍ତି। ଏହାର ଏକ ବାସ୍ତବ ଏବଂ ବହୁ ପରିଚିତ ଦୃଷ୍ଟାନ୍ତ ହେଉଛି ବୁଡ଼ି ଅଞ୍ଚଳର ଡ୍ୟାମ ନିର୍ମାଣ ପ୍ରସଙ୍ଗ। ଗାଳ୍ପିକ ଶୁଭ୍ରାଂଶୁ ପଣ୍ଡା 'ବୁଢାରଜା' ଗଳ୍ପରେ ଏହି ବିଷୟଟିକୁ ଉପସ୍ଥାପନ କରିଛନ୍ତି। ଡ୍ୟାମ ନିମିତ୍ତ ବିସ୍ଥାପିତ ହେଲେ ଟଙ୍କା ମିଳିବ ଶୁଣି ବୁଡ଼ି ଅଞ୍ଚଳର ଲୋକମାନେ ନିଜ ନିଜ ବାସସ୍ଥାନ ଛାଡ଼ି ସରକାରଙ୍କ ଦ୍ୱାରା ମାଟି ଝାଟିରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ଘରକୁ ସ୍ଥାନାନ୍ତରିତ ହେଲେ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ, ସୁଚାରୁ ରୂପେ ଡ୍ୟାମ କାର୍ଯ୍ୟ ଆରମ୍ଭ, ସମାପ୍ତ ଏବଂ କାର୍ଯ୍ୟକ୍ଷମ ହେଲା। କିନ୍ତୁ ବୁଡ଼ି ଅଞ୍ଚଳର ଲୋକମାନଙ୍କୁ ଉପଯୁକ୍ତ କ୍ଷତି ପୂରଣ ମିଳିପାରିଲା ନାହିଁ। ଏଣୁ କାମଧନ୍ଦା ପାଇଁ କିଛି ଲୋକ ଆନ୍ଧ୍ର ଯାଇ ଇଟାଭାଟିରେ ନିଯୁକ୍ତ ହେଲେ। ଆଉକିଛି ଲୋକ ଛତିଶଗଡ଼ ପଳାଇବା ପାଇଁ ନିଷ୍ପତ୍ତି ନେଲେ– "ପ୍ରଥମେ ଘରଗଲା, ତା'ପରେ ଜମି। ସରକାର ଆମର ଜାତି ନେଇଗଲେ। ଆମର ବେଉସା ଗଲା, ଆଉ ଏବେ ଆମର ବୁଢାରଜା ବି ଚାଲିଗଲା। ଆମ ପୂର୍ବପୁରୁଷଙ୍କ ଆବାସ, ଶାଳଗଛ ବି ଆଗକୁ ବୁଡ଼ିଯିବ। ଆଉ ଏଠି ରହିବା କାହିଁକି? ଚାଲ ଛତିଶଗଡ଼ ପଳେଇବା।" (ବିସର୍ଜନ – ଶୁଭ୍ରାଂଶୁ ପଣ୍ଡା, ପୃ-୧୩୭ ) ସାଧାରଣ ଜନତାଙ୍କ ପ୍ରତି ସରକାରଙ୍କର ପ୍ରତାରଣା ସେମାନଙ୍କୁ ଦାଦନ ହେବା ପାଇଁ ବାଧ କରିଛି ।

ଏତଦଭିନ୍ନ ଆହୁରି ଅନେକ ଗଳ୍ପ ରହିଛି, ଯେଉଁଥିରେ କି ଦାଦନ ଜୀବନର ଯନ୍ତ୍ରଣାସିକ୍ତ ଚିତ୍ର ପ୍ରତିଫଳିତ ହୋଇଛି। ସେଗୁଡ଼ିକ ମଧ୍ୟରେ ହେଉଛି – 'ଶୁକ୍ଳ ପକ୍ଷ' – ବିପ୍ଳବ (ଆର୍ଥିକ ଅଭାବ ହେତୁ ଦାଦନ), 'ଦାଦନାୟଣ' – ବିଶ୍ୱନାଥ ସାହୁ (ଅଧିକ ଅର୍ଥ ଉପାର୍ଜନ ନିମିତ୍ତ ଦାଦନ), 'ଚକଡ଼ା' – କ୍ଷେତ୍ରବାସୀ ନାଏକ (ବିସ୍ଥାପନ – କୃଷି ସମସ୍ୟା ହେତୁ ଦାଦନ), 'ଇଟାଭାଟିର ଶିଳ୍ପୀ' – ଗାୟତ୍ରୀ ସରାଫ (ମରୁଡ଼ି ଯୋଗୁଁ ଚାଷ ଉଜୁଡ଼ିଯିବା ହେତୁ ଦାଦନ), 'ଦାଦନ -୨' – କ୍ଷେତ୍ରବାସୀ ନାଏକ (ଗରିବୀ ହେତୁ ଦାଦନ), 'ଓ ସେଇ ଆହତ ମୁହୂର୍ତ୍ତ' – ଗାୟତ୍ରୀ ସରାଫ (ଚାଷରେ ମରୁଡ଼ି ଓ ଦୁର୍ଭିକ୍ଷ ହେତୁ ଦାଦନ), 'ଜଳି ଜଳି ଯାଉଥିବା ପାହାଡ଼' – ଗାୟତ୍ରୀ ସରାଫ (ପ୍ରାକୃତିକ ପରିବେଶକୁ ଧ୍ୱଂସ କରିବା ଦ୍ୱାରା ଜଳବାୟୁର ପରିବର୍ତ୍ତନ ଯୋଗୁଁ ନିଜ ବୃତ୍ତିରୁ ଉଚ୍ଛେଦ ହେତୁ ଦାଦନ), 'କୋକୁଆ' – ବିଭୂତି ପଣ୍ଡା (ଜଳବାୟୁ ବିଷାକ୍ତ ହେବା ଦ୍ୱାରା ଅନାବୃଷ୍ଟି, ଦୁର୍ଭିକ୍ଷ, ମରୁଡ଼ି ହେତୁ ଦାଦନ), 'ଦାନବ' – ସ୍ୱପ୍ନା ମିଶ୍ର (ମୂଳ ଅଧିବାସୀମାନଙ୍କ ବାସସ୍ଥାନକୁ ଶିଳ୍ପପତିମାନେ ଆସି ସହରୀକରଣ କରିବା ଦ୍ୱାରା କଳୁଷିତ ପରିବେଶରେ ମୃତ୍ୟୁ ହେଉଥିବା ହେତୁ ଦାଦନ), 'ଉଜୁଡ଼ା କ୍ଷେତର ଦୁଃଖ '- ଭାସ୍କର ଜେନା (କର୍ମ ନିଯୁକ୍ତିର ଅଭାବ ହେତୁ ଦାଦନ ହେବାର ନିଷ୍ପତ୍ତି), 'ଦାଦନ ବାପା' – ସୁନୀତି ଦେବୀ (ପରିବାର ପ୍ରତିପୋଷଣ ପାଇଁ ଦାଦନ ) ଇତ୍ୟାଦି ଗଳ୍ପ। ଏହି ଗଳ୍ପଗୁଡ଼ିକରେ ଦାଦନ ଶ୍ରମିକ ହେବାର ମୂଳ କାରଣ ଏବଂ ଦାଦନ ଶ୍ରମିକ ଜୀବନର ଅନେକ ସମସ୍ୟା ସମ୍ପର୍କରେ ବର୍ଣ୍ଣନା ପରିଲକ୍ଷିତ। ଏଥିସହ ବିବିଧ ପ୍ରସଙ୍ଗ ଆଳରେ ସେହି

DOI: 10.70541/BAGEESHA/2025030303
VOL NO 03 ISSUE NO 03

ସମସ୍ତ କାରଣ ଓ ସମସ୍ୟାକୁ ସମାଜ ଜୀବନରୁ ହଟାଇ ଦାଦନ ସମସ୍ୟା ଦୂରୀଭୂତ କରିବା ପାଇଁ ଏକବିଂଶ ଶତାବ୍ଦୀର ଗଳ୍ପ ଓ ଗାଳ୍ପିକମାନେ ମଧ୍ୟ ପ୍ରୟାସରତ।

**ଉପସଂହାର:** ଦାଦନ ଚାଲାଣ ବର୍ତ୍ତମାନ ସମୟରେ ସବୁଠି ଏକ ମୁଖ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଛି। ଅନେକଙ୍କର କୁମ୍ଭୀର କାନ୍ଦଣା ହେତୁ ଏହି ସମସ୍ୟା ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି। ଏଥିପ୍ରତି ଅନେକ ଲୋକଙ୍କର ସଚେତନମୂଳକ ଦୃଷ୍ଟିଭଙ୍ଗୀ ରହିଛି ସତ; କିନ୍ତୁ ଯେ ପର୍ଯ୍ୟନ୍ତ ଦାଦନ ଶ୍ରମିକ ସୃଷ୍ଟି ହେବାର ମୂଳ କାରଣ (କୃଷିରେ ବିଫଳତା, ଦରିଦ୍ରତା, ଚାଷ ଜମିରୁ ଉଚ୍ଛେଦ, ନିଜ ରାଜ୍ୟରେ ବୃତ୍ତିର ଅଭାବ ଇତ୍ୟାଦି ) ଗୁଡ଼ିକର ସମାଧାନ କରାନଯିବ; ସେପର୍ଯ୍ୟନ୍ତ ଏ ପ୍ରସଙ୍ଗ, ଏ ସମସ୍ୟା ଖାଲି ଲୋକ ଦେଖାଣିଆ ହୋଇ ରହିଥିବ ଟି.ଭି, ସମ୍ବାଦପତ୍ର, ପୁସ୍ତକ ଏବଂ ରେଡ଼ିଓରେ। ଏଣୁ ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପଗୁଡ଼ିକ ଦାଦନ ସମସ୍ୟା ବିରୋଧରେ ସ୍ୱର ଉଠାଇବା ପାଇଁ ଯେଉଁ ପ୍ରେରଣା ଦେଉଛନ୍ତି, ତାହାକୁ ଉତ୍ତର ପିଢି ଭାବରେ ଆମ୍ଭେମାନେ ଆଗକୁ ଆଗେଇନେବା ଏକାନ୍ତ ଆବଶ୍ୟକ ।

**ସହାୟକ ଗ୍ରନ୍ଥସୂଚୀ:**


୧) ନାଏକ, କ୍ଷେତ୍ରବାସୀ। ୨୦୧୩। ଦାଦନ। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନ୍ସ, ଭୁବନେଶ୍ୱର।

୨) ନାଏକ, କ୍ଷେତ୍ରବାସୀ।୨୦୨୩ ।ମାୟା ଓ ଅନ୍ୟାନ୍ୟ ଗଳ୍ପ। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନ୍ସ।

୩) ପଣ୍ଡା, ଶୁଭ୍ରାଂଶୁ। ୨୦୨୩। ବିସର୍ଜନ। ଭୁବନେଶ୍ୱର: ପେନ୍ ଇନ୍ ବୁକ୍ସ୍।

୪) ବିପ୍ଳବ। ୨୦୨୪। ବାପାଙ୍କ ସହ ଶେଷ ଜହ୍ନରାତି। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନ୍ସ।

୫) ବେହେରା, ରାମଚନ୍ଦ୍ର। ୨୦୨୧। ସବୁଜ ଛଦ୍ମବେଶ। ଭୁବନେଶ୍ୱର: ପକ୍ଷୀକ୍ଷର ପ୍ରକାଶନୀ।

୬) ବେହେରା, ହରିଶ୍ଚନ୍ଦ୍ର।୨୦୨୧। ଅକ୍ଷାଂଶ(ପତ୍ରିକା), ମହାପୂଜା ବିଶେଷାଙ୍କ।

୭) ମହତାବ, ଭର୍ତ୍ତୃହରି।୨୦୨୧। ଝଙ୍କାର(ପତ୍ରିକା), ଶାରଦୀୟ ବିଶେଷାଙ୍କ।

୮) ମହାନ୍ତି, ଅଶୋକ। ୨୦୨୧। ପଶ୍ଚିମା(ପତ୍ରିକା), ମହାପୂଜା ବିଶେଷାଙ୍କ।

୯) ସରାଫ୍, ଗାୟତ୍ରୀ।୨୦୧୭। ଇଟାଭାଟିର ଶିଳ୍ପୀ। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନ୍ସ।

୧୦) ସରାଫ୍, ଗାୟତ୍ରୀ।୨୦୨୧। କଥାୟନ-୧। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନ୍ସ।

୧୧. ସରାଫ୍, ଗାୟତ୍ରୀ ।୨୦୨୧। କଥାୟନ-୨। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନ୍ସ।

୧୨. ସାହୁ, ବିଶ୍ୱନାଥ। ୨୦୨୪। ମୂର୍ତ୍ତି ପ୍ରବେଶ। ଭୁବନେଶ୍ୱର: ପଶ୍ଚିମା ପବ୍ଲିକେଶନ୍ସ।

୧୩. ସ୍ୱାଇଁ, ଅଜୟ। ୨୦୧୯। ଅଜୟ ଅଜସ୍ର-୧। ଭୁବନେଶ୍ୱର: ପକ୍ଷୀଘର ପ୍ରକାଶନୀ।



## Funding

No funding was received for conducting this study.


## Does this Article screened for similarity?

Yes

## Conflict of interest

The Author has no conflicts of interest to declare that they are relevant to the content of this Article.

## About the licenses


© **Damayanti Jena 2025**. The text of this Article is open access and licensed under a Creative Commons Attribution 4.0 International license


DOI: 10.70541/BAGEESHA/2025030303

VOL NO 03 ISSUE NO 03

**Cite this Article :**

Jena, Damayanti, "Ekabinsha Satadira Odia Galpare Dadana Sramikara Swara", Bageesha, Vol. No. 03, Issue No. 03, May-June 2025, Article No: BM2025/03-A003| Page- 21-25| DOI: https://doi.org/10.70541/BAGEESHA/2025030303